# Akashvani, Sambalpur

## SAMBALPURI NEWS BULLETIN

### 10 January 2026 – 6.47- 6.52 am.

********************************************

ରାଜ୍ୟ କେବିନେଟ୍ ବୈଠକ୍          ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ରାଜ୍ୟ କେବିନେଟ୍ ବୈଠକ୍ ହେଇଯାଇଛେ । ବୈଠକ୍ଥି ୮ ଟା ବିଭାଗ୍ର ୧୧ ଟା ପ୍ରସ୍ତାବ୍କେ ଅନୁମୋଦନ୍ ମିଲିଛେ । ସେଥିର୍ଭିତ୍ରୁ ଶିଳ୍ପ, ଗୃହ, ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା, ପର୍ଯ୍ୟଟନ୍, ପଂଚାୟତିରାଜ୍ ଆଉ ପାନୀୟ ଜଳ, ରାଜସ୍ୱ ବିଭାଗ୍ର ପ୍ରସ୍ତାବ୍ ମାନ୍କୁ ଅନୁମୋଦନ୍ ମିଲିଛେ । ସାଧାରଣ୍ ବଂଟନ୍ ବ୍ୟବସ୍ଥା, ଆଦେଶ୍, ୨୦୨୬ ର ଧାରା ୨୭ (୧) ଥି ସଂଶୋଧନ୍ କରାଯାଇଛେ ।  ରାଜ୍ୟ ପର୍ଯ୍ୟଟନ୍କେ ଅଏତ୍କା ବର୍କସ୍ କର୍ବାର୍ ଲାଗି ଓଡ଼ିଶା ପର୍ଯ୍ୟଟନ୍ (ସଂଶୋଧନ୍ ନୀତି) ୨୦୨୬ କେ କେବିନେଟ୍ର ମଞ୍ଜୁରୀ ମିଲିଛେ ।

ମୁଖ୍ୟମନ୍ତ୍ରୀ-ସମ୍ବଲ୍ପୁର୍          ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ୨ ଦିନିଆ ସମ୍ବଲପୁର୍ ଗସ୍ତଥି ଆସୁଛନ୍ । ସଖାଲ୍‌ବେଲା ଝାରସୁଗୁଡ଼ା ବିମାନ୍ ବନ୍ଦର୍ ନ ପୁହୁଁଚିବାର୍ ଉତ୍‌ରୁ ସେଠାନୁ ସମ୍‌ଲେଇମନ୍ଦିର୍ ଆସିକରି ମା'ଙ୍କର୍ ଦର୍ଶନ୍ କର୍‌ବେ । ମଏଧାନର୍ ୧୨ ବାଜିକରି ୧୫ ମିନିଟ୍‌ଥି ମନ୍ଦିର୍ ପାଶେ ଇ-ବସ୍ ସେବାର୍ ଶୁଭାରମ୍ଭ କର୍‌ବେ । ଦୁଇପହରେ ୨.୪୫ ନୁ ସାଢ଼େ ୪ ବଜେତକ୍ ବୁର୍ଲା ପିଏମ୍‌ଶ୍ରୀ ସର୍‌କାରୀ ହାଇସ୍କୁଲ୍ ପରିସର୍ ନ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଜିଲ୍ଲାର୍ ଲାଗି ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଲୋକାର୍ପଣ୍ କର୍‌ବେ । ଆଏବା କାଏଲ୍ ହୀରାକୁଦ୍ ଜଲ୍‌ଭଣ୍ଡାର୍‌କେ ଲାଗିକରି ଥିବା ଜମାଦାର୍‌ପାଲି ଟିପୁ ପଡ଼ା ପାଶେ ସମ୍ବଲ୍‌ପୁର୍ ସହର୍‌କେ ୨୪ ଘଂଟିଆ ଜଲ୍‌ଯୋଗାଣ୍ ପ୍ରକଳ୍ପର୍ ଶିଲାନ୍ୟାସ୍ କର୍‌ବେ । ତାର୍ ଉତ୍‌ରୁ ବୁର୍ଲା ଭୀମ୍‌ସାର୍‌ର ନୂଆଁ ଟ୍ରମା କେୟାର୍ କୁଠାର୍ ଭିଲ୍ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ସଂସଦ୍‌ର ବଜେଟ୍ ଅଧିବେଶନ ଏନ୍‌ଏସ୍‌ଡି

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏବା ୨୮ ତାରିଖ୍‌ନୁ ମୁଲ୍ ହେଇକରି ଏପ୍ରିଲ୍ ୨ ତାରିଖ୍‌ତକ୍ ଚାଲ୍‌ବା । ୨୦୨୬-୨୭ବଛର୍‌ର ଆର୍ଥିକ୍ ବଜେଟ୍ ଆଏବା ଫେବୃଆରୀ ୧ ତାରିଖ୍ ଦିନ ଉପସ୍ଥାପନ୍ କରାଯିବା । ଅର୍ଥମନ୍ତ୍ରୀ

ନିର୍ମଳା ସୀତାରମଣ୍ ସଂସଦ୍ ନ ସାଧାରଣ୍ ବଜେଟ୍ ଉପସ୍ଥାପନ୍ କର୍‌ବେ । ସଂସଦ୍‌ର ଇ ଅଧିବେଶନ୍ ୨ ଟା ଖେପେ ଚାଲ୍‌ବା । ଆଏବା ୨୮ ତାରିଖ୍ ରାଷ୍ଟ୍ରପତି ଲୋକ୍‌ସଭା ଆଉ ରାଜ୍ୟସଭାର୍ ସଂଯୁକ୍ତ ବୈଠକ୍‌କେ ସମ୍ବୋଧିତ୍ କର୍‌ବେ । ଇ ବାବ୍‌ଦେ ଗଲାକାଏଲ୍ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ସୂଚ୍‌ନା ଦେଇଛନ୍ ।

ପ୍ରଗତି ପ୍ଲାଟ୍‌ଫର୍ମ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଠିତ୍ ହେଇଥିବା ପ୍ରଗତି ପ୍ଲାଟ୍‌ଫର୍ମ ଦେଶର୍ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପ କାମ୍‌କେ ତୁର୍‌ତି କର୍‌ବାର୍‌ଥି ବଡ଼ ଭୂମିକା ନଉଛେ । ଇ ପ୍ଲାଟ୍‌ଫର୍ମ ଲାଗି ରାଜ୍ୟର୍ ହରିଦାସ୍‌ପୁର୍-ପାରାଦ୍ୱୀପ୍ ରେଲ୍‌ଲାଇନ୍ ପ୍ରକଳ୍ପ ଠିକ୍ ସମିଆଥି ଶେଷ୍ ହେଇଥିଲା । ୧୯୯୭ ମସିହା ଜାନୁଆରୀ ୧ ତାରିଖ୍‌ଥି ଇ ପ୍ରକଳ୍ପକେ ମଞ୍ଜୁରୀ ମିଲିଥିବାର୍ ବେଲେ ଭିନ୍ ଭିନ୍ କାରଣ୍ ଲାଗି ପ୍ରକଳ୍ପ ସର୍‌ବାର୍‌ଥି ଡେରି ହେଉଥିଲା । ୨୦୧୮ ମସିହା ଅଗଷ୍ଟ ୨୯ ତାରିଖ୍ ଦିନ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ପ୍ରଗତି ପ୍ଲାଟ୍‌ଫର୍ମର ବୈଠକ୍‌ଥି ଇ ପ୍ରକଳ୍ପର୍ ସମୀକ୍ଷା କରାଯାଇଥିଲା । ସମୀକ୍ଷାର୍ ୨ ବଛର୍ ଭିତ୍‌ରେ କାମ୍‌କେ ତୁର୍‌ତି କରାଯାଇକରି ୨୦୨୦ ମସିହା ଜୁଲାଇ ୩୧ ତାରିଖ୍ ଥି ପ୍ରକଳ୍ପକେ ଲୋକାର୍ପଣ୍ କରାଯାଇଥିଲା । ୮୨ କିଲୋମିଟର୍

ଲମ୍ବା ଇ ରେଲ୍‌ଲାଇନ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା ଆଉ ଜଗତ୍‌ସିଂହପୁର୍ ଜିଲ୍ଲା ଦେଇକରି ଟ୍ରେନ୍ ଚଲାଚଲ୍ କରୁଛେ ।

ଓଗ୍ରୀ ପୋର୍ଟାଲ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଓପିଟିସିଏଲ୍ ତର୍‌ଫୁ ତିଆର୍ ଓଡ଼ିଶା ଗ୍ରୀଡ୍ ଇନ୍‌ସାଇଟ୍ -ଓଗ୍ରୀ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ । ରାଜ୍ୟର୍ ୨ ଶହ ୧ ଟା ଗ୍ରୀଡ୍ ବାବଦ୍ ସବୁ ତଥ୍ୟ ଇ ୱେବ୍‌ସାଇଟ୍‌ଥି ମିଲିପାର୍‌ବା । ଇ ୱେବ୍‌ସାଇଟ୍ ପୁଞ୍ଜିନିବେଶ୍‌କେ ଆଉ ଶିଳ୍ପାନୁଷ୍ଠାନ୍‌ମାନ୍‌କୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବିଦ୍ୟୁତ୍ ଉପଲବ୍ଧତା ବାବ୍‌ଦେ ସୂଚ୍‌ନା ଦେଇକରି ନିବେଶ୍ ନିଷ୍ପତି ନେବାର୍‌ଥି ସାହାଜ୍ କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ହିନ୍ଦୀ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ହିନ୍ଦୀ ଭାଷାର୍ ପ୍ରଚାର୍ ପ୍ରସାର୍ ଲାଗି ଆଏଜ୍ ବିଶ୍ୱ ହିନ୍ଦୀ ଦିବସ୍ ପାଲନ୍ କରାଯାଉଛେ । ହିନ୍ଦୀ ଭାଷା ସରଳ ସମୃଦ୍ଧ ଭାଷା ହେଇଥିବାର୍‌ନୁ ପୁର୍‌ଥିର୍ ସବୁଠାନୁ ଅଏତ୍‌କା ବେଭାର୍ କରାଯାଉଥିବା ୫ ଟା ଭାଷା ଭିତ୍‌ରେ ଠାନ୍ ପାଇଛେ । ୧୯୭୫ ମସିହାର୍ ଆଝିର୍ ଦିନେ ନାଗ୍‌ପୁର୍

ଠାନେ ହେଇଥିବା ପହେଲା ବିଶ୍ୱ ହିନ୍ଦୀ ସମ୍ମିଲନୀଥି ବିଶ୍ୱ ହିନ୍ଦୀ ଦିବସ୍ ପାଲନ୍ ଲାଗି ପ୍ରସ୍ତାବ୍ ହେଇଥିଲା । ଭାରତ୍ ସର୍‌କାର୍ ୨୦୦୬ ମସିହାନୁ ଫି’ ବଛର୍ ଜାନୁଆରୀ ମାସ ୧୦ ତାରିଖ୍‌କେ ବିଶ୍ୱ ହିନ୍ଦୀ ଦିବସ୍ ଭାବେ ପାଲନ୍ କରୁଛନ୍ । ଇ ବଛର୍ ବିଶ୍ୱ ହିନ୍ଦୀ ଦିବସ୍‌ର ବାର୍ତା ହେଉଛେ ‘ହିନ୍ଦୀ- ପାରମ୍ପାରିକ୍ ଜ୍ଞାନ୍‌ନୁ କୃତ୍ରିମ ବୁଦ୍ଧିମତାତକ୍’ ।

ଶବ ବ୍ୟବଚ୍ଛେଦ-ଭତା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ସର୍‌କାର୍ ଓଡ଼ିଶା ମେଡ଼ିକାଲ୍ ହେଲ୍‌ଥ ସର୍ଭିସ୍ କେଡ଼ର୍‌ର ମେଡ଼ିକାଲ୍ ଅଧିକାରୀମାନ୍‌କର୍ ଲାଗି ଶବ ବ୍ୟବଚ୍ଛେଦ୍ ବାବ୍‌ଦେ ଦିଆଯାଉଥିବା ଭତାକେ ବଢ଼େଇଛନ୍ । ଆଘୋନୁ ଫି’ ଶବ ବ୍ୟବଚ୍ଛେଦ୍ ମାମ୍‌ଲା ଲାଗି ଡାକ୍ତର୍‌ମାନ୍‌କୁ ୫ ଶହ ଟଙ୍କା ଭତା ଦିଆଯାଉଥିବାର୍ ବେଲେ ଇଟାକେ ବଢ଼ାଯାଇକରି ହଜାରେ ଟଙ୍କା କରାଯାଇଛେ ବଲି ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଶିଶିର ସରସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଆଏଜ୍‌ଠାନୁ ଶିଶିର ସରସ - ୨୦୨୬ ମେଲା ମୁଲ୍ ହେଉଛେ । ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ତର୍‌ଫୁ ହେବାର୍‌କେ ଥିବା ଇ ମେଲାକେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ବେଲ୍‌ବୁଡ଼େ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । କାର୍ଯ୍ୟକ୍ରମ୍‌ଥି ମତ୍ସ୍ୟ, ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ପ୍ରମୁଖ ଉପସ୍ଥିତ୍ ରହେବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ କେନ୍ଦ୍ର ଭାଗନୁ ଗୁରୁଚାପ ବଳୟ ସକ୍ରିୟ ଥିବାର୍‌ନୁ ଉତର୍-ପଶ୍ଚିମ ଦିଗୁ ଓଡ଼ିଶାକେ ଥଣ୍ଡା ପବନ୍ ଆସୁଛେ । ଇଥିର୍‌ଲାଗି ଆଏବା ୨ ହପ୍ତାତକ୍ ରାଏଜେ ଜବର୍ ଶୀତ୍ ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ଆଉ ଅନୁଗୁଲ୍ ଜିଲ୍ଲାନ ଜବର୍ ଶୀତ୍ ଲାଗି ରହେବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।